## ଦୁର୍ଘଟଣାରେ ଯୁବକ ମୃତ

ପାଲଲହଡ଼ା,(ଦିବ୍ୟଜ୍ୟୋତି ଦାଶ): ପାଲଲହଡ଼ା ଥାନା ମୁଲ୍ତାପୁର ନିକଟରେ ଶୁକ୍ରବାର ବାଇକ୍‌ରୁ ଖସିପଡ଼ି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ସେ ହେଲେ କେନ୍ଦ୍ରାପଡା ଜିଲ୍ଲା କୁଆଁଣିଆ ଗୋବିନ୍ଦପୁର ଅଞ୍ଚଳର ସ୍ମୃତିରଞ୍ଜନ ନାୟକ। ପୋଲିସ କହିଛି, ସ୍ମୃତିରଞ୍ଜନ ପାଲଲହଡ଼ାରୁ କେନ୍ଦୁଝର ଅଭିମୁଖେ ବାଇକ୍‌ରେ ଯାଉଥିବା ବେଳେ ମୁଲ୍ତାପୁର ନିକଟରେ ଭାରସାମ୍ୟ ହରାଇ ଖସି ପଡ଼ିଥିଲେ। ସ୍ଥାନୀୟ ଗ୍ରାମବାସୀ ଏବଂ ପୋଲିସ ତାଙ୍କୁ ପାଲଲହଡ଼ା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ସଂକ୍ଷେପରେ

### ସଚେତନତା ଉପରେ ଗୁରୁତ୍ୱ

ଅନୁଗୋଳ,୮।୯(ଅମିତ କୁମାର ସାମଲ)

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଅନ୍ତର୍ଜାତୀୟ ନୀଳ ଆକାଶ ନିମନ୍ତେ ସ୍ୱଚ୍ଛ ବାୟୁ ଦିବସ ୨୦୨୩ ପାଳିତ ହୋଇଯାଇଛି। ଉକ୍ତ ବୈଠକରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ତଥା ଜିଲା ମିଶନ ନିର୍ଦ୍ଦେଶକ ଡାକ୍ତର ତ୍ରିଲୋଚନ ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ଚାରା ଲଗାଇବା, ଜଙ୍ଗଲ ସୁରକ୍ଷା କରିବା, ଶକ୍ତିର ବିକଳ୍ପ ମାଧ୍ୟମ ଆପଣାଇବା, ପରିବେଶ ଅନୁକୂଳ ଯାନ ବ୍ୟବହାର କରିବା ଓ ବ୍ୟକ୍ତିଗତ ଯାନ ବଦଳରେ ସାଧାରଣ ପରିବହନ ଯାନର ଉପଯୋଗ କରିବା, ଅଳ୍ପ ଦୂର ଯାତ୍ରା ପାଇଁ ମୋଟର ଯାନ ବ୍ୟବହାର ବଦଳରେ ପାଦରେ ଚାଲିବା କିମ୍ବା ସାଇକେଲ ବ୍ୟବହାର କରିବା ଓ ଜଙ୍ଗଲରେ ନିଆଁ ନ ଲଗାଇବା ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା.ଧନଞ୍ଜୟ ବେହେରା ଏହି ଦିବସକୁ ବିଦ୍ୟାଳୟ ଓ ଗୋଷ୍ଠୀ ସ୍ତରରେ ପାଳନ କରି ସଚେତନ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡ, ଦିଲୀପ କୁମାର ପଟ୍ଟନାୟକ, ଅତିରିକ୍ତ ଜନ ସ୍ୱାସ୍ଥ୍ୟ ଅଧିକାରୀ (ଭେକ୍ଟର ବାହିତ ରୋଗ) ଡା. ପୂର୍ଣ୍ଣିମା ଉଦ୍‌ଗାତା, ଡା. ବିନୋଦ କୁମାର ସାହୁ ନୀଳ ଆକାଶ ନିମନ୍ତେ ସ୍ୱଚ୍ଛ ବାୟୁ ଦିବସ ପାଳନ କରିବାର ତାତ୍ପର୍ଯ୍ୟ ସମ୍ପର୍କରେ ପ୍ରଚାର ପ୍ରସାର ଉପରେ ଆଲୋକପାତ କରିଥିଲେ।

# ବିଇଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା



ଛେଣ୍ଡିପଦା ବ୍ଲକ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେଶନ ପକ୍ଷରୁ ୩ ଦଫା ଦାବି ନେଇ ଧାରଣା ଦିଆଯାଇଛି।

ଛେଣ୍ଡିପଦା,୮।୯(ଅଜିତ ଧଳ)/ କଣିହାଁ (ସଚ୍ଚିଦାନନ୍ଦ ପ୍ରଧାନ)/ ଆଠମଲ୍ଲିକ (ଉଦୀପ୍ତ ପୁରୋହିତ)

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେଶନ ପକ୍ଷରୁ ୩ ଦଫା ଦାବି ନେଇ ଶୁକ୍ରବାର ବ୍ଲକର ସମସ୍ତ ବର୍ଗର ଶିକ୍ଷକ ସାମୂହିକ ଛୁଟିରେ ଯିବା ସହିତ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଧାରଣା ଦେଇଛନ୍ତି। ବ୍ଲକ ଶିକ୍ଷକ ମହାସଂଘ ସଭାପତି ସୁଶାନ୍ତ କୁମାର ବେହେରାଙ୍କ ନେତୃତ୍ୱରେ ୭୦୦ରୁ ଅଧିକ ଶିକ୍ଷକ ଏହି ଧାରଣାରେ ସାମିଲ ହୋଇଛନ୍ତି। ମହାସଂଘ ଉପସଭାପତି ଆକୁଳ ଦାସ, ବାଳକୃଷ୍ଣ ସାହୁ, ରାକେଶ ବିଶ୍ୱାଳ, ସମ୍ପାଦକ ସୁରେଶ ଚନ୍ଦ୍ର ସାହୁ, ମୁଖ୍ୟ ଉପଦେଷ୍ଟା ଲକ୍ଷ୍ମଣ କୁମାର ସାହୁ, କୋଷାଧ୍ୟକ୍ଷ ଧନେଶ୍ୱର ସ୍ୱାଇଁ, ସହ ସମ୍ପାଦକ ଆଲୋକ ଦାସ, ଉପକୋଷାଧ୍ୟକ୍ଷ ସୁମନ୍ତ ପଧାନ, ଗଣମାଧ୍ୟମ ସଂଯୋଜକ ରଶ୍ମିରଞ୍ଜନ ବେହେରା, ୧୭ଜଣ ଆଞ୍ଚଳିକ ସମ୍ପାଦକ ପ୍ରମୁଖ ଯୋଗ ଦେଇଥିଲେ। ସେହିପରି କଣିହାଁ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶତାଧିକ ପ୍ରାଥମିକ ଶିକ୍ଷକ ଧାରଣାରେ ବସିଛନ୍ତି। ଏୟୁପିଟିଏଫର ଜୋନାଲ ସେକ୍ରେଟାରି ପ୍ରଦୀପ୍ତ କିଶୋର ମିଶ୍ର, ବ୍ଲକ ସମ୍ପାଦକ ଶ୍ରୀଧର ଦାସ, ମଙ୍ଗୁଲୁ ଚରଣ ସାହୁ, ମୁନା ନାଏକ, ରଞ୍ଜିତା ଦାସ, ପ୍ରଦୀପ କୁମାର ବେହେରା, ମାନସ ସାହୁ, ପଙ୍କଜିନୀ ପ୍ରଧାନ, ସୁବ୍ରତ କୁମାର ସାହୁ, ସନ୍ତୋଷିନୀ ରଥ, ଶୁଭଶ୍ରୀ ଶୁଭସ୍ମିତା ପ୍ରଧାନ, ଆଲୋଚନା ନାୟକ, ସୀତାଂଶୁବାଳା ନାଏକ, ପ୍ରମୋଦ ଚନ୍ଦ୍ର ପ୍ରଧାନ, ବିରଞ୍ଚିନାରାୟଣ ବେହେରା, ଆଦିତ୍ୟ କୁମାର ପ୍ରଧାନ, ବୀରେନ୍ଦ୍ର କୁମାର ସାହୁ ପ୍ରମୁଖ ସାମିଲ ହୋଇଛନ୍ତି। ସେହିପରି ଆଠମଲ୍ଲିକ ବ୍ଲକର ୧୯୬ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ସମସ୍ତ ବର୍ଗର ପ୍ରାଥମିକ ଶିକ୍ଷକ ଦାବି ପୂରଣ ନିମନ୍ତେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ସଂଘ ସଭାପତି ପଦ୍ମନାଭ ରାଉତ, ଉପସଭାପତି ଉପବାନ ଭୋଇ, ସମ୍ପାଦକ ନିରାକାର ମେହେର, ସହ ସମ୍ପାଦକ ଛବି ନାରାୟଣ ସିଠ, ଶିକ୍ଷକ ନେତା ରଜିତ ପ୍ରଧାନ, ବୀରେନ୍ଦ୍ର ସାହୁ, ବିଜୟ ପ୍ରଧାନ ପ୍ରମୁଖଙ୍କ ନେତୃତ୍ୱରେ ଶିକ୍ଷୟିତ୍ରୀ ଓ ଶିକ୍ଷକ ଧାରଣା ଦେଇଛନ୍ତି।

# ଚୋରା କାଠ ଗାଡ଼ି ଜବତ, ୩ ଗିରଫ

ଛେଣ୍ଡିପଦା,୮।୯(ଅଜିତ ଧଳ)

ଅନୁଗୋଳ ଜିଲା ଜରପଡ଼ା ବନାଞ୍ଚଳ ପକ୍ଷରୁ ପାଟ୍ରୋଲିଂ ବେଳେ ୫୫ନଂ. ଜାତୀୟ ରାଜପଥର କାତଡା ହନୁମାନ ମନ୍ଦିର ନିକଟରେ ଚଢ଼ାଉ କରି ଏକ ଡାଲା ଅଟୋ ଓ ୨୬ଖଣ୍ଡ ଶାଗୁଆନ କଠା ଜବତ କରାଯାଇଛି। ଏଥିସହିତ ୩ଜଣଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ଘଟଣାରୁ ପ୍ରକାଶ, ଫରେଷ୍ଟର ଶ୍ରୀନିବାସ ସାହୁ, ଗାର୍ଡ ବସନ୍ତ କୁମାର ଗଡ଼ନାୟକ, ଶ୍ରୀତମ ମଲ୍ଲିକ ଏବଂ ହାତୀ ସ୍କ୍ୱାଡ୍ ପାଟ୍ରୋଲିଂ କରୁଥିବା ବେଳେ ଠାକୁରଗଡ଼ରୁ ଅନୁଗୋଳ ଆଡ଼କୁ ଯାଉଥିବା ଏକ ଡାଲା ଅଟୋ (ନଂ. ଓଡି୧୯ପି-୭୨୫୦)କୁ ଅଟକାଇ ଯାଞ୍ଚ କରିବାରୁ ସେଥିରେ ୨୬ଖଣ୍ଡ ଶାଗୁଆନ କାଠ ଥିବା ଦେଖିବାକୁ ପାଇଥିଲେ। ଆବଶ୍ୟକ କାଗଜପତ୍ର ଦାଖଲ ନ କରିବାରୁ ବନବିଭାଗ ଗାଡ଼ି ଓ କାଠ ଜବତ କରିବା ସହ ପାଇକସାହି କୁମୁନସିଂହା ଗ୍ରାମର ଅଟୋ ଚାଳକ ହୃଷୀକେଶ ସାହୁ, ପୁରୁଣାକୋଟ ଥାନା ଅନ୍ତୁଲିଆ ଗ୍ରାମର କ୍ଷୀରୋଦ ନାଏକ ଓ ପ୍ରଶ୍ନ ନାଏକଙ୍କୁ ଗିରଫ କରିଥିଲେ। ଏ ନେଇ ନଂ. ୮ଜେ /୨୩ରେ ଏକ ମାମଲା ରୁଜୁ କରାଯାଇଛି।

# ସଡ଼କ ସୁରକ୍ଷା ପରିଷଦର ନୂତନ କର୍ମକର୍ତ୍ତା ନିର୍ବାଚିତ



ସଂଗ୍ରାମ କେଶରୀ କୁଅଁର।



ବାପି ମହାନ୍ତି।

ତାଳଚେର,୮।୯(ମନୋଜ ନନ୍ଦ)

ତାଳଚେର ହାଟତୋଟାସ୍ଥିତ ପ୍ରେସ୍ କ୍ଲବ ଠାରେ ତାଳଚେର ସଡ଼କ ସୁରକ୍ଷା ପରିଷଦର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ୧୪୯ନଂ. ଜାତୀୟ ରାଜପଥକୁ ଯୁଦ୍ଧକାଳୀନ ଭିତ୍ତିରେ ୪ ଧାଡ଼ିଆ କରାଯିବା ସହିତ କୋଇଲା ପରିବହନ ପାଇଁ ବାଙ୍କଧରା ଠାରୁ ବହ୍ଲର ପର୍ଯ୍ୟନ୍ତ ଏକ ଓଭରବ୍ରିଜ ତିଆରି କରିବା ଏବଂ ଏହାକୁ ସମ୍ପୂର୍ଣ୍ଣ ପ୍ରଦୂଷଣମୁକ୍ତ କରିବା ପାଇଁ ବୈଠକରେ ଦାବି କରାଯାଇଛି। ଏ ଦିଗରେ ଆବଶ୍ୟକ ପଦକ୍ଷେପ ନିଆ ନ ଗଲେ ଆଗାମୀ ଦିନରେ ଜୋରଦାର ଆନ୍ଦୋଳନ କରାଯିବ ବୋଲି ନିଷ୍ପତ୍ତି ଗ୍ରହଣ କରାଯିବା ସହ ଏଥିପାଇଁ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ସଂଗ୍ରାମ କେଶରୀ କୁଅଁର, ଉପସଭାପତି ଭାବେ ହରେକୃଷ୍ଣ ମହାପାତ୍ର, ପ୍ରଦୀପ କୁମାର ମହାରଣା, ସମ୍ପାଦକ ଭାବେ ବାପି ମହାନ୍ତି, ସହ ସମ୍ପାଦକ ଭାବେ ସଞ୍ଜୀବ ନାଏକ, ଶ୍ରୀକାନ୍ତ ନାଏକ, କୋଷାଧ୍ୟକ୍ଷ ଭାବେ ସନ୍ତୋଷ ମହାରଣା ପ୍ରମୁଖଙ୍କୁ ମନୋନୀତ କରାଯାଇଥିଲା। ପୂର୍ବତନ ନଗରପାଳ କେଶବ ଭୁତିଆଙ୍କ ଆବାହକତ୍ୱରେ ଆୟୋଜିତ ଏହି ବୈଠକରେ ବରିଷ୍ଠ ନାଗରିକ ଚୈତନ୍ୟ ପ୍ରଧାନ, ନଖିଆ ସାହୁ, ଅଭୟ ପାଣି, ଅର୍ଜୁନ ଭୁତିଆ, ହରେକୃଷ୍ଣ ମହାପାତ୍ର, ସଞ୍ଜୀବ ନାଏକ, ଦାଶରଥି ସାହୁ, ସୁବାସ ଗୋଛାୟତ, ସନ୍ତୋଷ ମହାପାତ୍ର, ବିନୋଦ ଲାଲ, ଶୋଭାଗିନୀ ଦାସ, ସନ୍ତୋଷ ମହାରଣା, ମନୋଜ ନାଏକ, ପ୍ରଫୁଲ୍ଲ ନାଏକ, ବାଉରୀବନ୍ଧୁ ବେଜ ପ୍ରମୁଖ ଯୋଗଦେଇଥିଲେ।

# ଫେରାର ଅଭିଯୁକ୍ତଙ୍କୁ ଗିରଫ ଦାବି

ଖମାର,୮।୯(ରଜନୀକାନ୍ତ ମହାରଣା)

ପାଲଲହଡା ଉପଖଣ୍ଡ ଖମାର ଥାନା ଓଡ଼ଶ ଗ୍ରାମ ସଭାପତି ସନ୍ତୋଷ କୁମାର ସାହୁଙ୍କୁ ଆକ୍ରମଣ ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ଗିରଫ ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଏ ନେଇ ଗ୍ରାମବାସୀ ଶୁକ୍ରବାର ଥାନା ସମ୍ମୁଖରେ ଧାରଣା ଦେଇଥିଲେ। ଥାନା ଅଧିକାରୀ ପ୍ରଶାନ୍ତ କୁମାର ପଢ଼ିହାରୀ ବୁଝାଶୁଝା କରିଥିଲେ ହେଁ ସୁଫଳ ନ ମିଳିବାରୁ ଏସ୍‌ଡିପିଓ ସୁମନ ରଞ୍ଜିତା ସିଂହ ଓ ପାଲଲହଡା ଥାନା ଆଇଆଇସି ପାରାଓ ଟୁଡୁ ପହଞ୍ଚି ବୁଝାଶୁଝା କରିବା ସହିତ ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଗ୍ରାମବାସୀ ଧାରଣା ରୁ ଉଠିଲେ। ଗ୍ରାମବାସୀଙ୍କ ସହିତ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ କୁମାର ମହାନ୍ତି ଧାରଣାରେ ସାମିଲ ହୋଇଥିଲେ।



ଅଭିଯୁକ୍ତଙ୍କ ଗିରଫ ଦାବିରେ ଧାରଣା।

# ସ୍ୱତନ୍ତ୍ର ପରିଚୟ ଦିଗରେ ଗୁରୁତ୍ୱ ଦିଅ




ନୂତନ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ବଇଣ୍ଡା,୮।୯(ପରିକ୍ଷିତ ସାହୁ)

କିଶୋରନଗର ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ଶୁକ୍ରବାର ନୂତନ ବର୍ଷର ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଅକ୍ଷୟ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ମହାବିଦ୍ୟାଳୟ ଉନ୍ନୟନ ପରିଷଦର ନିର୍ଦ୍ଦେଶକ ପ୍ରଫେସର ଡ. ବିଶ୍ୱଜିତ୍ ଶତପଥୀ, ମୁଖ୍ୟବକ୍ତା ଭାବେ ଶିକ୍ଷା ବିଭାଗ ପ୍ରଫେସର ଡ. ଯୁବରାଜ ଖମାରି, ଅନ୍ୟତମ ଅତିଥି ଅଧ୍ୟାପକ ତରଣୀସେନ ସାହୁ, ବୀଣାପାଣି ସାହୁ, ପୁରୁଷୋତ୍ତମ ସାହୁ, ନଳିନୀ ପ୍ରଧାନ, ରୁଚିସ୍ମିତା ପରିଡା, ଶୁଭଶ୍ରୀ ବିଶ୍ୱାଳ, ଗୋବର୍ଦ୍ଧନ ପ୍ରଧାନ ଯୋଗଦେଇଥିଲେ। ଭଲ ପାଠ ପଢିବା ସହ ସ୍ୱତନ୍ତ୍ର ପରିଚୟ ଗଠନ ଦିଗରେ ଛାତ୍ରୀଛାତ୍ରମାନେ ଗୁରୁତ୍ୱ ଦେବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଚଳିତ ବର୍ଷ ସଫଳତା ପାଇଥିବା ଅସୀମା ପ୍ରଧାନ ଓ ଆକାଶ ଦାସଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଥିଲା। ସେହିପରି ବିଭିନ୍ନ ପ୍ରତିଯୋଗିତାର କୃତିତ୍ୱ ଅର୍ଜନ କରିଥିବା ଅନନ୍ୟା ଦେହୁରୀ, ଲିପ୍ସା ପ୍ରଧାନ, ବର୍ଷା ପ୍ରିୟଦର୍ଶିନୀ ପ୍ରଧାନ, ଭେଙ୍କଟେଶ୍ୱର ବେହେରାଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଅଭିଜିତ ପ୍ରଧାନ, ଦିବାକର ସାହୁ, ସୁଶାନ୍ତ ରାଉଳ ପ୍ରମୁଖ ସହଯୋଗ କରିଥିଲେ।

# ମନ୍ଦିର ଉଚ୍ଛେଦ କରିପାରିଲାନି ପ୍ରଶାସନ

ଅନୁଗୋଳ,୮।୯(ଅମିତ କୁମାର ସାମଲ)

ଅନୁଗୋଳ ଜିଲା ନାଲ୍‌କୋ ଥାନା କାଣ୍ଡସର ଗ୍ରାମ ମହୁଲିବୁରୀ ସାହିରେ ଥିବା ମଙ୍ଗଳା ମନ୍ଦିରକୁ ଶୁକ୍ରବାର ଉଚ୍ଛେଦ କରିପାରି ନାହିଁ ପ୍ରଶାସନ। ଏହି ମନ୍ଦିର ଉଚ୍ଛେଦ ପାଇଁ ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଥିବା ସତ୍ତ୍ୱେ ଗ୍ରାମବାସୀଙ୍କ ବିରୋଧ ଦେଖି ଜେସିବି ଚାଳକ ପଛଘୁଞ୍ଚା ଦେବାରୁ ପ୍ରଶାସନ ବିଫଳ ହୋଇଥିବା ସୂଚନା ମିଳିଛି। ପ୍ରକାଶ ଯେ, ଉକ୍ତ ମନ୍ଦିର ଉଚ୍ଛେଦ ପାଇଁ ବଅଁରପାଳ ତହସିଲଦାର, ଅନୁଗୋଳ ଏସ୍‌ଡିପିଓ, ନାଲକୋ ଥାନା, ଅନୁଗୋଳ ଥାନା ଅଧିକାରୀଙ୍କ ସହ ୩ ପ୍ଲାଟୁନ ପୋଲିସ ଫୋର୍ସ ପହଞ୍ଚିଥିଲେ। କିନ୍ତୁ ମନ୍ଦିର ସେହି ସ୍ଥାନରେ ରହିବା ସପକ୍ଷରେ ଗ୍ରାମବାସୀ ଅଡି ବସିବା ସହ ହରିବୋଲ ଓ ହୁଳହୁଳି ଦେଇ ଗାଁ କମ୍ପାଇ ଦେଇଥିଲେ। ଫଳରେ ଉଚ୍ଛେଦ ପାଇଁ ଯାଇଥିବା ଜେସିବି ଚାଳକ ମନ୍ଦିର ଭାଙ୍ଗି ପାରି ନ ଥିଲେ। ଏପରି କି ପ୍ରଶାସନ ପକ୍ଷରୁ ଥର ଥର କରି ୩ଟି ଜେସିବି ମଗାଯାଇ ଥିଲେ ହେଁ ୩ ଚାଳକ ମନ୍ଦିର ଉପରେ ବୁଲଡୋଜର ଚଳାଇବାକୁ ମନା କରିଦେଇଥିଲେ।



ମନ୍ଦିର ଉଚ୍ଛେଦ ପାଇଁ ଯାଇଥିବା ପ୍ରଶାସନକୁ ଗ୍ରାମବାସୀ ବିରୋଧ କରୁଛନ୍ତି।

# 'ଆମେ ଜାଣିବା ଆମେ ଜିଣିବା' ନେଇ ଆଲୋଚନା

କାମାକ୍ଷାନଗର,୮।୯ (ଅମଜାଦ ଖାନ)

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ କାନ୍ତୋଲ ପଞ୍ଚାୟତ ସେବାଶ୍ରମ ସ୍କୁଲରେ ଶୁକ୍ରବାର ଶିକ୍ଷକ ଓ ମାତାପିତା ସହଭାଗିତା ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ହରେକୃଷ୍ଣ ନାୟକ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ତହସିଲଦାର ରବୀନ୍ଦ୍ର ସାମଲ, କଙ୍କଡ଼ାହାଡ଼ ବ୍ଲକ ଗୋଷ୍ଠୀ ଶିକ୍ଷା ଉନ୍ନୟନ ଅଧିକାରୀ ସାଗର ଟୁଡୁ, ଜାତି, ଅନୁସୂଚିତ ଜନଜାତି କଲ୍ୟାଣ ଅଧିକାରୀ ପ୍ରଶାନ୍ତ ସାହୁ, ପ୍ରଧାନ ଶିକ୍ଷକ ନିକୁଞ୍ଜ ବିହାରୀ ରଣା ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ତଥା ପଛୁଆ ବର୍ଗ କଲ୍ୟାଣ ବିଭାଗ ବିଦ୍ୟାଳୟରେ ସମସ୍ତ ବ୍ୟବସ୍ଥା ଓ କାର୍ଯ୍ୟକ୍ରମରେ ସହଭାଗୀ ହୋଇ ଭବିଷ୍ୟତ କାର୍ଯ୍ୟପନ୍ଥା ନିର୍ଦ୍ଧାରଣରେ ନିଜକୁ ନିୟୋଜିତ କରିବା ପ୍ରସଙ୍ଗକୁ ନେଇ ଅନୁଷ୍ଠିତ ହେବାକୁ ଯାଉଥିବା ଏକ ସତନ୍ତ୍ର କାର୍ଯ୍ୟକ୍ରମ 'ଆମେ ଜାଣିବା ଆମେ ଜିଣିବା' ବିଷୟରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ଛାତ୍ରୀଛାତ୍ରମାନେ ବିଦ୍ୟାଳୟ ପରିସରରେ ପଡ଼ିଥିବା ବିଭିନ୍ନ ଷ୍ଟଲ ପରିଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତ ଛାତ୍ରୀଛାତ୍ର, ପିତାମାତା ଉପସ୍ଥିତ ଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

## ୨ ପଞ୍ଚାୟତବାସୀ ବିଦ୍ୟୁତ୍ ସେବାରୁ ବଞ୍ଚିତ

କାମାକ୍ଷାନଗର,୮।୯(ଅମଜାଦ ଖାନ)

କଙ୍କଡାହାଡ଼ ବ୍ଲକ ମହାବିରୋଡ଼ ବିଦ୍ୟୁତ୍ ସବ୍‌ଷ୍ଟେଶନ ଅଧୀନ ଦଶୀପୁର, ପଙ୍ଗାଡିରା ପଞ୍ଚାୟତର ଉପଭୋକ୍ତା ୨୭ ଘଣ୍ଟା ବିଦ୍ୟୁତ୍ ସେବାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି। ଗୁରୁବାର ଅପରାହ୍ନ ୩ଟାରୁ ଅଞ୍ଚଳରେ ବିଦ୍ୟୁତ୍ ସେବା ନ ଥିବାରୁ ଅସନ୍ତୋଷ ଦେଖାଦେଇଛି। ମହାବିରୋଡ଼ ବିଦ୍ୟୁତ୍ ସବଷ୍ଟେଶନରେ ବିଦ୍ୟୁତ୍ ଥାଇ ମଧ୍ୟ ସେଠାରୁ ୩ ରୁ ୫ କିମି ଦୂରରେ ଥିବା ଏହି ୨ଟି ପଞ୍ଚାୟତର ଜନସାଧାରଣ ବିଦ୍ୟୁତ୍ ସେବାରୁ ବଞ୍ଚିତ ହୋଇଛନ୍ତି। ସାମାନ୍ୟ ବର୍ଷା କି ପବନ ହେଲେ ବିଦ୍ୟୁତ୍ କାଟ କରାଯାଉଥିବାବେଳେ ପ୍ରତିଦିନ ୫ ରୁ ୧୦ ଘଣ୍ଟା ବିଦ୍ୟୁତ୍‌କାଟ ହେଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏ ନେଇ ବିଭାଗୀୟ ସହକାରୀ ନିର୍ବାହୀ ଯନ୍ତ୍ରୀ ଆର୍ତ୍ତତ୍ରାଣ ନାୟକଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ। ଖବରଲେଖା ହେବା ସୁଦ୍ଧା ୨ ପଞ୍ଚାୟତରେ ବିଦ୍ୟୁତ୍ ସେବା ଯୋଗାଇ ଦିଆଯାଇ ନ ଥିବା ଜଣାପଡ଼ିଛି।

# ୧୯ ମଣ୍ଡପରେ ପୂଜା ପାଇବେ ଗଜାନନ



ବୈଠକରେ ଉପସ୍ଥିତ ପ୍ରଶାସନିକ ଅଧିକାରୀମାନେ।

ଭୁବନ,୮।୯ (ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନରେ ଚଳିତବର୍ଷ ଗଣେଶ ପୂଜା ପାଇଁ ଗୁରୁବାର ଏନ୍‌ଏସି ସଭାଗୃହରେ ଶାନ୍ତି କମିଟି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କାମାକ୍ଷାନଗର ଉପଜିଲାପାଳ ନାରାୟଣ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ନଗରପାଳ ଶୁଭେନ୍ଦୁ କୁମାର ସାହୁ ଯୋଗଦେଇ ମହୋତ୍ସବକୁ ଆଡମ୍ବରରେ ପାଳନ କରାଯିବ ବୋଲି ପ୍ରକାଶ କରିଥିଲେ। ଚଳିତ ମାସ ୧୯ ଠାରୁ ୨୪ ତାରିଖ ପର୍ଯ୍ୟନ୍ତ ପୂଜା ଅନୁଷ୍ଠିତ ହେବ। ୨୪, ୨୫ ଓ ୨୬ ତାରିଖ ୩ଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ୨୭ ତାରିଖରେ ଭସାଣି ଉତ୍ସବ ହେବ ବୋଲି ସ୍ଥିର ହୋଇଛି। ଏନ୍‌ଏସି ନିର୍ବାହୀ ଅଧିକାରୀ ଶ୍ୟାମସୁନ୍ଦର ସାହୁ ପରିଚାଳନା କରିଥିଲେ। ପୋଲିସ ବିଭାଗ, ଜନସ୍ୱାସ୍ଥ ବିଭାଗ ସମେତ ୧୯ଟି ପୂଜା କମିଟି ସଭାପତି, ସମ୍ପାଦକ, ମେଲଣ କମିଟି ସଭାପତି ସୁବ୍ରତ ସାହୁ, ଗଣେଶ ପୂଜା କମିଟି ସଭାପତି ଜିତେନ୍ଦ୍ର ଦାସ, ସମ୍ପାଦକ ଦୀପକ ରଞ୍ଜନ ବେହେରା, ଶାନ୍ତି କମିଟି ଉପସଭାପତି ବିନୋଦ ମହାରଣା, ସମସ୍ତ ବଜାର ସଭାପତି ଉପସ୍ଥିତ ଥିଲେ। ଏନ୍‌ଏସି କନିଷ୍ଠ ଯନ୍ତ୍ରୀ ସୁରେନ୍ଦ୍ର ନାଥ ସାହୁ ଧନ୍ୟବାଦ ଦେଇଥିଲେ।

# ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା

ମାଧପୁର,୮।୯(ମନୋଜ ପ୍ରଧାନ)

ପଞ୍ଚାୟତସ୍ତରରେ ହେଉଥିବା ବିଭିନ୍ନ ଦୁର୍ନୀତିକୁ ବିରୋଧ କରି ଶୁକ୍ରବାର ଆଠମଲ୍ଲିକ ବ୍ଲକ ଟୁସର ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଭାଜପା ପକ୍ଷରୁ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ଭାଜପା ପଞ୍ଚାୟତ ପ୍ରମୁଖ ଅଲେଖ ଭୋଇଙ୍କ ନେତୃତ୍ୱରେ ଅନୁଷ୍ଠିତ ସଭାରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୀବ ସାହୁ ଯୋଗଦେଇ ରାଜ୍ୟ ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାବା ଅଭୟ ଚୈତନ୍ୟ ମହାରାଜ, ମଣ୍ଡଳ ସଭାପତି ବିଜୟ ପ୍ରଧାନ, ହୃଦାନନ୍ଦ ପ୍ରଧାନ, ପୂର୍ବତନ ସରପଞ୍ଚ ଅନ୍ତର୍ଯ୍ୟାମୀ ମହାଖୁଡ, ବସନ୍ତ ସ୍ୱାଇଁ, ରତ୍ନାକର ପ୍ରଧାନ, ଅର୍ଜୁନ ପାଣ୍ଡେ, ଅମ୍ବିକା ଦେହୁରୀ, ରଞ୍ଜନ ପ୍ରଧାନ, ପ୍ରମୋଦ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



ସଭାରେ ଉପସ୍ଥିତ ଭାଜପା କର୍ମୀମାନେ।

## ୧୨ ଘଣ୍ଟିଆ ବନ୍ଦ ପାଳନ

ସାତମାଇଲ,୮।୯(ସୁଶାନ୍ତ କୁମାର ପତି)

୭ ଦଫା ଦାବିରେ ହିନ୍ଦୋଳନଗର ମଣ୍ଡଳ ଭାଜପା ପକ୍ଷରୁ ଏନ୍‌ଏସି ଅଧୀନ ବିଭିନ୍ନ ସ୍ଥାନରେ ୧୨ ଘଣ୍ଟିଆ ବନ୍ଦ ପାଳନ କରାଯାଇଥିଲା। ଭାଜପା ନେତ୍ରୀ ଅଞ୍ଜଳି ବେହେରାଙ୍କ ଆହ୍ୱାନକ୍ରମେ କର୍ମୀମାନେ ସକାଳ ୬ ଟାରୁ ଆନ୍ଦୋଳନ କରିଥିଲେ। ହିନ୍ଦୋଳ ଡାକ୍ତରଖାନାରେ ଖାଲି ପଡ଼ିଥିବା ଡାକ୍ତର ଏବଂ କର୍ମଚାରୀ ପଦବୀ ପୂରଣ, ୨୪ ଘଣ୍ଟିଆ ବିଦ୍ୟୁତ୍ ସେବା, ହାତୀ ଉପଦ୍ରବ ରୋକିବା, ହିନ୍ଦୋଳ ଖେଳପଡିଆର ଉନ୍ନତୀକରଣ, ମୁକ୍ତା ଯୋଜନା ଓ ପ୍ରଧାନମନ୍ତ୍ରୀ ଆବାସ ବଣ୍ଟନରେ ସ୍ୱଚ୍ଛତା ଅବଲମ୍ବନ ଆଦି ଦାବି କରାଯାଇଥିଲା। ନଗର ମଣ୍ଡଳ ସଭାପତି ସନ୍ତୋଷ ବେହେରା, ଅଜୟ ଦାସ, ତରୁଣ ସାମଲ, ସୋମନାଥ ସେଠୀ, ଦୀପକ ବିଶ୍ୱାଳ ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଥିଲେ। ଶୃଙ୍ଖଳା ପାଇଁ ଉପଖଣ୍ଡ ପୋଲିସ ଅଧିକାରୀ ଦୀପକ ଜେନା, ହିନ୍ଦୋଳ ଥାନାଧିକାରୀ ଚାରୁଲତା ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରଥମ ପର୍ଯ୍ୟାୟରେ ୪,୩୨୬ ଜଣଙ୍କୁ ଟିକା

ଅନୁଗୋଳ,୮।୯(ଅମିତ କୁମାର ସାମଲ)

ଅନୁଗୋଳ ଜିଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ମିଶନ ଇନ୍ଦ୍ରଧନୁଷ ୫.୦ (ଟିକାକରଣ)ର ଦ୍ୱିତୀୟ ଜିଲାସ୍ତରୀୟ ବୈଠକ ଅତିରିକ୍ତ ଜିଲାପାଳ ପ୍ରତାପ ପ୍ରୀତିମୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ତ୍ରିଲୋଚନ ପ୍ରଧାନ ମିଶନ ଇନ୍ଦ୍ରଧନୁଷର (ଟିକାକରଣ କାର୍ଯ୍ୟକ୍ରମ) ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ଚଳିତମାସ ୧୧ରୁ ୧୬ ତାରିଖ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଜିଲାରେ ୬୮୨ଟି ଟିକାକରଣ କ୍ୟାମ୍ପ ଜରିଆରେ କରିବାର ଯୋଜନା ରହିଛି। ମୋଟ ୪,୩୨୬ ହିତାଧିକାରୀଙ୍କୁ ଟିକା ପ୍ରଦାନର ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଏହି କାର୍ଯ୍ୟକ୍ରମକୁ ସଫଳ କରିବା ନିମନ୍ତେ ଜିଲା ଓ ବ୍ଲକସ୍ତରରେ ପ୍ରାରମ୍ଭିକ ପ୍ରସ୍ତୁତି ସହ ଆଶା କର୍ମୀଙ୍କ ଦ୍ୱାରା ସଚେତନତା କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡା. ଦିଲୀପ କୁମାର ପଟ୍ଟନାୟକ, ଜିଲା ମଙ୍ଗଳ ଅଧିକାରୀ ଦିଲୀପ କୁମାର ମିଶ୍ର, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ପ୍ରତିଭା ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଜିଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ଜିଲା କ୍ୱାଲିଟି ଆସ୍ୟୁରାନ୍ସ କମିଟି ବୈଠକ ଅତିରିକ୍ତ ଜିଲାପାଳ ପ୍ରତାପ ପ୍ରୀତିମୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରଧାନ ଯୋଗଦେଇଥିଲେ। ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡ. ଦିଲୀପ କୁମାର ପଟ୍ଟନାୟକ ପରିବାର ନିୟୋଜନ ଉପରେ ହେଉଥିବା କାର୍ଯ୍ୟକ୍ରମଗୁଡ଼ିକ ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ବୈଠକରେ ଜିଲାରେ କାର୍ଯ୍ୟକାରୀ ହେଉଥିବା ପରିବାର ନିୟୋଜନ ଅପ୍ରୋପଚାର ଓ ଏହାସହ ଜଡିତ ଆନୁସଙ୍ଗିକ ବିଷୟ ଉପରେ ଆଲାଚନା ହୋଇଥିଲା।



ଦ୍ୱିତୀୟ ଜିଲାସ୍ତରୀୟ ବୈଠକରେ ଉପସ୍ଥିତ ଅଧିକାରୀମାନେ।

# ୩ ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ

ଢେଙ୍କାନାଳ,୮।୯(ରତନ ନାୟାର)

ଢେଙ୍କାନାଳ ଜିଲା ମୋଟଙ୍ଗା ଥାନା ଅଞ୍ଚଳରେ ଘଟିଥିବା ଏକ ମରଣାନ୍ତକ ଆକ୍ରମଣ ମାମଲାର ବିଚାର କରି ଶୁକ୍ରବାର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ସୁଧାଶ୍ରୀ ସୁରଝାଲିଆ ୩ ଅଭିଯୁକ୍ତ ମହାଦିଆ ଗ୍ରାମର ପ୍ରସନ୍ନ ସ୍ୱାଇଁ, ରେବତୀ ସ୍ୱାଇଁ ଓ ଲୁଲୁ ସ୍ୱାଇଁଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଏଥିସହିତ ସେମାନଙ୍କୁ ବ୍ୟକ୍ତିଗତ ମୁଚାଲିକାରେ ୧୦ ହଜାର ଟଙ୍କା ଲେଖାଏରେ ଛାଡିଛନ୍ତି। ଦଣ୍ଡିତ ଦୋଷୀମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ସହିତ ଅଭିଯୋଗକାରୀ ଏବଂ ତାଙ୍କ ଅଞ୍ଚଳରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ରଖିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

ଘଟଣାରୁ ପ୍ରକାଶ ଯେ, ୯ ଡିସେମ୍ବର ୨୦୧୨ରେ କୃଷ୍ଣଚନ୍ଦ୍ର ବରାଳଙ୍କୁ ଅଭିଯୁକ୍ତ ପ୍ରସନ୍ନ ସ୍ୱାଇଁ, ରେବତୀ ସ୍ୱାଇଁ ଓ ଲୁଲୁ ସ୍ୱାଇଁ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏ ସଂକ୍ରାନ୍ତରେ କୃଷ୍ଣଚନ୍ଦ୍ର ମୋଟଙ୍ଗା ଥାନାରେ ଅଭିଯୋଗ କରିବା ପରେ ସେହି ସମୟରେ ଥାନାରେ ନଂ. ୧୭୨।୧୨ରେ ମାମଲା ରୁଜୁ ହୋଇଥିଲା। ଏହି ମାମଲାର ଜିଆର କେସ୍ ନଂ. ୧୩୪୫।୧୨ର ବିଚାର କରି ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ସୁଧାଶ୍ରୀ ସୁରଝାଲିଆ ୭ଜଣଙ୍କ ସାକ୍ଷ୍ୟପ୍ରମାଣ ଓ ପାରିପାର୍ଶ୍ୱିକ ଅବସ୍ଥାକୁ ବିଚାରକୁ ନେଇ ଅଭିଯୁକ୍ତ ପ୍ରସନ୍ନ, ରେବତୀ ଓ ଲୁଲୁଙ୍କୁ ଦୋଷୀ ସାବ୍ୟସ୍ତ କରଥିଲେ। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ସହକାରୀ ପବ୍ଲିକ ପ୍ରସିକ୍ୟୁଟର ଲକ୍ଷ୍ମୀଧର ପଣ୍ଡା ପରିଚାଳନା କରିଥିଲେ। ସେହିପରି ସହକାରୀ ପବ୍ଲିକ ପ୍ରସିକ୍ୟୁଟର ଅନୁଜ୍ଞା ମହାନ୍ତି ଓ ସନ୍ଧ୍ୟା ପଣ୍ଡା ସହଯୋଗ କରିଥିଲେ।

# ପୌର ଦୁର୍ନୀତିର ବଡ଼ ପର୍ଦ୍ଦାଫାଶ




■ନିର୍ବାହୀ ଅଧିକାରୀଙ୍କୁ ଇ-ମେଲ୍ ଦେଲେ ଅଭିଯୁକ୍ତ କର୍ମଚାରୀ
■ଅଧିକାରୀ, ଯନ୍ତ୍ରୀ, ଆକାଉଣ୍ଟାଣ୍ଟ ନେଉଥିଲେ ଟଙ୍କା

ଢେଙ୍କାନାଳ,୮।୯(ରତନ ନାୟାର)

ଢେଙ୍କାନାଳ ପୌରସଂସ୍ଥା ଦୁର୍ନୀତି ଦିନକୁ ଦିନ ଅଧିକ ରହସ୍ୟମୟ ହେବାରେ ଲାଗିଛି। ବିଭିନ୍ନ କାର୍ଯ୍ୟରେ ପ୍ରାୟ ୨କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ଦୁର୍ନୀତି ହୋଇଥିବା ବେଳେ ଭିଜିଲାନ୍ସ ବିଭାଗ ପକ୍ଷରୁ ଏ ସମ୍ପର୍କିତ ବହୁ ଫାଇଲ ଓ କାଗଜପତ୍ର ଜବତ କରାଯାଇ ଖୋଳତାଡ କରାଯାଉଛି। ହେଲେ ଏହି ଦୁର୍ନୀତି ସମ୍ପର୍କରେ ଶୁକ୍ରବାର ବଡ଼ ଖୁଲାସା କରିଛନ୍ତି ଅଭିଯୁକ୍ତ କୁହାଯାଉଥିବା ପୌରସଂସ୍ଥାର ଟାକ୍ସ କର୍ମଚାରୀ ସନ୍ତୋଷ କୁମାର ରାଉଳ। ପ୍ରାୟ ୨ଦିନ ତଳେ ସେ ପରିବାରର ଜଣେ ସଦସ୍ୟଙ୍କ ମେଲ୍‌ରୁ ବର୍ତ୍ତମାନର ପୌର ନିର୍ବାହୀ ଅଧିକାରୀ ଏବଂ ପୌର କାର୍ଯ୍ୟାଳୟର ଇ-ମେଲକୁ ଏକ ପତ୍ର ପଠାଇ ଦୁର୍ନୀତି ଘଟଣାର ପର୍ଦ୍ଦାଫାଶ କରିଛନ୍ତି।

ହୋଲ୍‌ଡିଂ ଟାକ୍ସ ସମେତ ଅନ୍ୟାନ୍ୟ ବାବଦକୁ ପ୍ରାୟ ୫୩ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଆଦାୟର କୌଣସି ହିସାବ ନ ଥିବା ସମ୍ପର୍କରେ ଅଭିଯୁକ୍ତ କର୍ମଚାରୀ ଦର୍ଶାଇଛନ୍ତି, ସେହି ସମୟରେ ଥିବା ଜଣେ ଅଧିକାରୀ, ଜଣେ ଯନ୍ତ୍ରୀ ଓ ଜଣେ ଆକାଉଣ୍ଟାଣ୍ଟ ତାଙ୍କ ଜରିଆରେ ଏହିସବୁ ଟଙ୍କା ନେଇଛନ୍ତି। ଏଥିସହିତ ତାଙ୍କ ବିରୋଧରେ ଯେତେ ଟଙ୍କାର ଦୁର୍ନୀତିଅଭିଯୋଗ ଆସିଛି, ସେହିସବୁ ଟଙ୍କା ସମ୍ପୃକ୍ତ ଅଧିକାରୀମାନେ ନେଇଛନ୍ତି। ହେଲେ ଏ ସମ୍ପର୍କରେ ତାଙ୍କ ପାଖରେ କିଛି ପ୍ରମାଣ ନାହିଁ ବୋଲି ଅଭିଯୁକ୍ତ କର୍ମଚାରୀ ରାଉଳ ପତ୍ର ମାଧ୍ୟମରେ ଜଣାଇଛନ୍ତି। ଏହି ଘଟଣା ପୌର କାର୍ଯ୍ୟାଳୟରେ ଚାଞ୍ଚଲ୍ୟ ଖେଳାଇ ଦେଇଛି। ଅଭିଯୁକ୍ତ କର୍ମଚାରୀଙ୍କ ତଥ୍ୟ ଅନୁଯାୟୀ ଭିଜିଲାନ୍ସ ବିଭାଗ ଖୋଳତାଡ କଲେ ଏହି ବଡ଼ ଦୁର୍ନୀତିର ପର୍ଦ୍ଦାଫାଶ ହେବା ସହିତ ଦୁର୍ନୀତିରେ ସମ୍ପୃକ୍ତ ଅଧିକାରୀ, ଯନ୍ତ୍ରୀ ଓ କର୍ମଚାରୀମାନଙ୍କ ମୁଖା ଖୋଲିପାରନ୍ତା ବୋଲି ଆଲୋଚନା ହେଉଛି। ସୂଚନାଯୋଗ୍ୟ, ଢେଙ୍କାନାଳ ପୌରସଂସ୍ଥାରେ ୨୦୨୧-୨୨ ଆର୍ଥିକ ବର୍ଷରେ ମଞ୍ଜୁର ହୋଇଥିବା ଅନୁଦାନ, ବିନିଯୋଗ, ପୌରସଂସ୍ଥାର ଆୟ ଓ ବିଭିନ୍ନ ସାମଗ୍ରୀ କିଣାରେ ହୋଇଥିବା ଖର୍ଚ୍ଚ ସମ୍ପର୍କରେ ଲୋକାଲ ଫଣ୍ଡ ଅଡିଟ୍ ବିଭାଗ ପକ୍ଷରୁ ଅଡିଟ୍ କରାଯାଇଥିଲା। ଏହି ଅଡିଟ୍ ସମୟରେ ପୌର କାର୍ଯ୍ୟାଳୟରେ ମହା ଦୁର୍ନୀତି ହୋଇଥିବା ଘଟଣା ପଦାକୁ ଆସିଥିଲା। ଏ ସମ୍ପର୍କରେ ନୂଆ ପୌର ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ରାଉତ କହିଛନ୍ତି, ଅଳ୍ପଦିନ ତଳେ ଏକ ମେଲ୍ ହସ୍ତଗତ ହୋଇଛି। ଟାକ୍ସ କର୍ମଚାରୀ ସନ୍ତୋଷ କୁମାର ରାଉଳ ଉକ୍ତ ପତ୍ରଦ୍ୱାରା ତାଙ୍କ ବିରୋଧରେ ହୋଇଥିବା ଦୁର୍ନୀତି ସମ୍ପର୍କରେ ଜଣାଇଛନ୍ତି ଯେ, କାର୍ଯ୍ୟାଳୟର ଅଧିକାରୀ, ଯନ୍ତ୍ରୀ ଓ କର୍ମଚାରୀ ତାଙ୍କ ମାଧ୍ୟମରେ ଟଙ୍କା ନେଉଥିଲେ। କିନ୍ତୁ ଏ ସମ୍ପର୍କରେ ତାଙ୍କ ପାଖରେ କୌଣସି ପ୍ରମାଣ ନାହିଁ ବୋଲି ସେ ଲେଖିଛନ୍ତି। ଯେହେତୁ ପ୍ରମାଣ ନାହିଁ ବୋଲି ଦର୍ଶାଇଛନ୍ତି, ତେଣୁ ଏହାର ସତ୍ୟାସତ୍ୟ ଅନୁସନ୍ଧାନ କରାଯିବ। ଏପରି ଅନିୟମିତତା ସମ୍ପର୍କରେ ରାଜ୍ୟ ସରକାରଙ୍କୁ ଲିଖିତ ଭାବେ ଅବଗତ କରାଯାଇଛି। ସରକାରୀ ନିର୍ଦ୍ଦେଶ ଅନୁଯାୟୀ ପଦକ୍ଷେପ ଗ୍ରହଣ କରାଯିବ।

# ପିଲାଙ୍କ ସ୍ୱାସ୍ଥ୍ୟ ଉପରେ ଗୁରୁତ୍ୱ

ଢେଙ୍କାନାଳ,୮।୯ (ରତନ ନାୟାର)

ଢେଙ୍କାନାଳ ଜିଲାରେ ପ୍ରତିଷ୍ଠିତ ଟାଟାଷ୍ଟିଲ ଫାଉଣ୍ଡେଶନର ରିସ୍ତା ସଂସ୍ଥା ପକ୍ଷରୁ ଶୁକ୍ରବାର ଅନ୍ତର୍ଜାତୀୟ ସାକ୍ଷରତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଓଡ଼ାପଡ଼ା ବ୍ଲକ ମୋଟଙ୍ଗା ପଞ୍ଚାୟତରେ ଏକ ସଚେତନତା ମୂଳକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ଚଳିତବର୍ଷ ସାକ୍ଷରତା କାର୍ଯ୍ୟକ୍ରମକୁ ଆଗକୁ ବଢାଇବା ସହ ବିଶ୍ୱରେ ଏକ ପରିବର୍ତ୍ତନ ଆଣିବା ପାଇଁ ବାର୍ତ୍ତା ରହିଥିଲା। ବିଶେଷ କରି କିଶୋରକିଶୋରୀଙ୍କ ସ୍ୱାସ୍ଥ୍ୟ ଉପରେ ଅଧିକ ଗୁରୁତ୍ୱ ପ୍ରଦାନ କରାଯାଇଥିଲା। ପରେ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ୪୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ବିଶେଷକରି ଖଡଗପ୍ରସାଦ ଓ ମୋଟଙ୍ଗା ଗ୍ରାମର ସ୍କୁଲ ଯାଉଥିବା ଏବଂ ସ୍କୁଲ ଛାଡିଥିବା ଛାତ୍ରୀଛାତ୍ରମାନେ ମଧ୍ୟ ସାମିଲ ହୋଇଥିଲେ। କିଶୋରୀକିଶୋରଙ୍କ ଦାୟିତ୍ୱ ଓ ଅଧିକାର ସମ୍ପର୍କରେ ସେମାନଙ୍କୁ ସଚେତନ କରାଯାଇଥିଲା।




ଟାଟାଷ୍ଟିଲ ଫାଉଣ୍ଡେଶନର ରିସ୍ତା ସଂସ୍ଥା ପକ୍ଷରୁ ଅନ୍ତର୍ଜାତୀୟ ସାକ୍ଷରତା ଦିବସ ପାଳନ କରାଯାଉଛି।

# ମିଶନ ଶକ୍ତି ଗୃହ ଉଦ୍‌ଘାଟିତ

ସାତମାଇଲ,୮।୯(ସୁଶାନ୍ତ କୁମାର ପତି)

ଓଡ଼ାପଡ଼ା ବ୍ଲକ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ମିଶନ ଶକ୍ତି ଗୃହ ଉଦ୍‌ଘାଟିତ ହୋଇଯାଇଛି। ଅତିଥି ଭାବେ ଢେଙ୍କାନାଳ ଏମ୍‌ପି ମହେଶ ସାହୁ, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, ଓଡ଼ାପଡ଼ା ବ୍ଲକ ଅଧ୍ୟକ୍ଷା ସସ୍ମିତା ମହାନ୍ତି ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଉପାଧ୍ୟକ୍ଷ ଅମିତାଭ ସ୍ୱାଇଁ, ବିଡିଓ ଅମୀୟ କେତନ ସ୍ୱାଇଁ, ସିଡିପିଓ ନିବେଦିତା ତ୍ରିପାଠୀଙ୍କ ସମେତ ସମସ୍ତ କର୍ମଚାରୀ, ଅଞ୍ଚଳର ମିଶନ ଶକ୍ତି ମା'ମାନେ ଉପସ୍ଥିତ ଥିଲେ।

# ୩୪ ଶିଶୁଙ୍କୁ ଫିଜିଓଥେରାପି ସେବା

ଢେଙ୍କାନାଳ,୮।୯(ରତନ ନାୟାର)

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ଲାଉଲଇସ୍ଥିତ ପ୍ରିୟ ଅନୁଷ୍ଠାନ ପରିଚାଳନାରେ ଫିଜିଓଥେରାପି ଓ ଥଇଥାନ କେନ୍ଦ୍ର ପରିସରରେ ଶୁକ୍ରବାର ବିଶ୍ୱ ଫିଜିଓଥେରାପି ଦିବସ ପାଳିତ ହୋଇଯାଇଛି। ଡ. ନିବେଦିତା ନାୟକ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ଟଙ୍କଧର ବାରିକ ଦିବସର ମହତ୍ତ୍ୱ ସମ୍ପର୍କରେ ବୁଝାଇଥିଲେ। ଏହି ଦିବସରେ ୩୪ଜଣ ସେରେବ୍ରାଲ ପାଲସିରେ ପୀଡିତ ଶିଶୁଙ୍କୁ ଫିଜିଓଥେରାପି ସେବା ଯୋଗାଇ ଦିଆଯାଇଥିଲା। ଇଲନପ୍ରଭା ସେନାପତି, ସୌଭାଗ୍ୟଲକ୍ଷ୍ମୀ ତରାଇ, ସ୍ୱାଗତିକା ରାଉତ, ସୋନାଲି ଧଳ ପ୍ରମୁଖ ସହଯୋଗ କରିଥିଲେ।




ବିଶ୍ୱ ଫିଜିଓଥେରାପି ଦିବସ ପାଳନ କରାଯାଉଛି।

# ଅବହେଳିତ ଅବସ୍ଥାରେ ବରପୁତ୍ରଙ୍କ ପ୍ରତିମୂର୍ତ୍ତି






ଢେଙ୍କାନାଳ,୮।୯(ରତନ ନାୟାର)

ଢେଙ୍କାନାଳ ସହରରେ ବିଭିନ୍ନ ସ୍ଥାନରେ ରହିଥିବା ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତି ଅବହେଳିତ ଅବସ୍ଥାରେ ପଡିଥିବା ବେଳେ ଏଥିପ୍ରତି ପୌରସଂସ୍ଥା କର୍ତ୍ତୃପକ୍ଷଙ୍କ ଦୃଷ୍ଟି ପଡୁନି। ଫଳରେ ପୂଜ୍ୟପୂଜାଙ୍କ ପ୍ରତି ଏପରି ଅସମ୍ମାନକୁ ନେଇ ଜନ ଅସନ୍ତୋଷ ଦେଖାଦେଇଛି। ପ୍ରକାଶ ଯେ, ସହରସ୍ଥିତ ନୂଆପୋଖରୀ ସମ୍ମୁଖ ନେତାଜୀ ଶିଶୁ ଉଦ୍ୟାନ ପରିସରରେ ଥିବା ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତିରୁ ମୁଣ୍ଡକୁ କାଟି କେହି ଦୁର୍ବୃତ୍ତ ଫେରାର ହୋଇଯାଇଥିବା ଗୁରୁବାର ସନ୍ଧ୍ୟାରେ ଜଣାପଡିଥିଲା। ଏହି ପ୍ରତିମୂର୍ତ୍ତି

### ପୌରସଂସ୍ଥାର ଦୃଷ୍ଟି ପଡୁନି

୧୯୮୪ ମସିହା ଅଗଷ୍ଟ ୩୧ରେ ପ୍ରତିଷ୍ଠା ହୋଇଥିଲା। ସେହିପରି ପୁରୁଣା ଜିଲା ପୋଲିସ କାର୍ଯ୍ୟାଳୟ ପଛ ପାଖରେ ଥିବା ଶିଶୁପାର୍କ ପରିସର ଅସମାଜିକ ବ୍ୟକ୍ତିଙ୍କ ଆଡାସ୍ଥଳିରେ ପରିଣତ ହୋଇଛି। ଏଠାରେ ଢେଙ୍କାନାଳର ଗର୍ବ ଓ ଗୌରବ ସମରକବି ବ୍ରଜନାଥ ବଡଜେନାଙ୍କ ପ୍ରତିମୂର୍ତ୍ତି ରହିଥିବା ବେଳେ ଏହା ପରିସରରେ ବହୁ ଖାଲି ମଦବୋତଲ ପଡିଥିବା ଦେଖାଯାଇଛି। ସେହିପରି ରଥଗଡାଠାରେ ସୁପରମାର୍କେଟ ପରିସରରେ ଥିବା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ସ୍ଥଳ ଅଳିଆ ଆବର୍ଜନାରେ ପରିଣତ ହୋଇଛି। ପୌରସଂସ୍ଥା ପକ୍ଷରୁ ଏଥିପ୍ରତି ଦୃଷ୍ଟି ପ୍ରଦାନ କରିବା ପାଇଁ ବିଭିନ୍ନ ମହଲରୁ ଦାବି ହୋଇଛି। ଏ ସଂକ୍ରାନ୍ତରେ ପୌର ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ରାଉତ କହିଛନ୍ତି, ପ୍ରତିମୂର୍ତ୍ତିଗୁଡିକର ସୁରକ୍ଷା ପାଇଁ ପୌରସଂସ୍ଥା ପକ୍ଷରୁ କାର୍ଯ୍ୟ ଆରମ୍ଭ ହୋଇଛି। ଖୁବ୍‌ଶୀଘ୍ର ନେତାଜୀ ଶିଶୁ ଉଦ୍ୟାନ ପରିସରରେ ସୁଭାଷ ଚନ୍ଦ୍ର ବୋଷଙ୍କ ନୂତନ ପ୍ରତିମୂର୍ତ୍ତି ସ୍ଥାପନ କରାଯିବ। ସେହିପରି ଅନ୍ୟ ଶିଶୁ ଉଦ୍ୟାନ ପରିସରଗୁଡିକୁ ପରିଷ୍କାର ପରିଚ୍ଛନ୍ନ କରାଯାଇ ସେଠାରେ ଥିବା ପ୍ରତିମୂର୍ତ୍ତି ଗୁଡିକର ରକ୍ଷଣାବେକ୍ଷଣ କରାଯିବ।

# ଭାଗବତ ଆବୃତ୍ତି ପ୍ରତିଯୋଗିତା

ଢେଙ୍କାନାଳ,୮।୯(ରତନ ନାୟାର)

ଢେଙ୍କାନାଳ ଇସ୍କନ ଶାଖା ପକ୍ଷରୁ ସହରସ୍ଥିତ ଗୋପନାଥ ଗାର୍ଡେନଠାରେ ଚାଲିଥିବା ଜନ୍ମାଷ୍ଟମୀ ଉତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଅତିଥି ଭାବେ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ଉପାଧ୍ୟକ୍ଷ ପ୍ରକାଶଚନ୍ଦ୍ର କୁଅଁର, ଐରା ନିର୍ଦ୍ଦେଶକ ସୁରେଶଚନ୍ଦ୍ର ପଣ୍ଡା ଓ ସାମାଜିକ କର୍ମୀ ରାମଚନ୍ଦ୍ର ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଇସ୍କନ ପକ୍ଷରୁ ଭାଗବତ ଆବୃତ୍ତି ପ୍ରତିଯୋଗିତା, ଶ୍ଳୋକ, ନୃତ୍ୟ ଓ ନାଟକ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏହାପରେ ପ୍ରବଚନ ସହିତ ଆଳତୀ ଅନୁଷ୍ଠିତ ହୋଇଥିଲା। ଶେଷରେ ପ୍ରସାଦ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବହୁ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ଇସ୍କନ ଢେଙ୍କାନାଳ ମୁଖ୍ୟ ପ୍ରେମ କିଶୋର ପ୍ରଭୁଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।



ଇସ୍କନ ପକ୍ଷରୁ ଜନ୍ମାଷ୍ଟମୀ ପାଳନ ଅବସରରେ ଜଣେ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

# ଶୂନ୍ୟ ଆହତ ଲକ୍ଷ୍ୟ ହାସଲ ଉପରେ ଆଲୋକପାତ

ଢେଙ୍କାନାଳ,୮।୯(ରତନ ନାୟାର)

ଢେଙ୍କାନାଳ ଜିଲା ଓଡାପଡା ବ୍ଲକ ନରେନ୍ଦ୍ରପୁରସ୍ଥିତ ଟାଟାଷ୍ଟିଲ୍ ମେରାମଣ୍ଡଳି ପକ୍ଷରୁ ଭେଣ୍ଡର ପାର୍ଟନେରମାନଙ୍କ ସହଭାଗିତାରେ ସୁରକ୍ଷାକୁ ସୁଦୃଢ କରିବାର ପ୍ରତିବଦ୍ଧତାର ମହତ୍ତ୍ୱ ରଖି ଭେଣ୍ଡର ପାର୍ଟନରଙ୍କ ପାଇଁ ଏକ ସୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭେଣ୍ଡର ପାର୍ଟନରଙ୍କ ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଅଂଶଗ୍ରହଣ କରିକମ୍ପାନୀର ବରିଷ୍ଠ ଅଧିକାରୀଙ୍କ ସହ ସୁରକ୍ଷା ଅଭ୍ୟାସ ବିଷୟରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମର ବିଷୟବସ୍ତୁ ଥିଲା 'ଗ୍ୟାସ୍ ସୁରକ୍ଷା: ଲୁହା ପ୍ରସ୍ତୁତିରେ ଜୀବନରେଖା'। ମୁଖ୍ୟ ଅତିଥି ଭାବେ କମ୍ପାନୀର ମେକିଂ ମୁଖ୍ୟ ଅମିତ କୁମାର ସିଂ, ଅତିଥି ଭାବେ କମ୍ପାନୀର ସୁରକ୍ଷା ମୁଖ୍ୟ ଅଗମ କୁମାର, ଅନ୍ୟାନ୍ୟ ବିଭାଗର ମୁଖ୍ୟ ଓ ଭେଣ୍ଡର ପାର୍ଟନେର ମାନେ ଉପସ୍ଥିତ ଥିଲେ। ପ୍ରୋପ୍ରାଇଟର୍ସ, ସାଇଟ୍ ଇନଚାର୍ଜ, ଠିକାସଂସ୍ଥାର ମାଲିକ, ସୁରକ୍ଷା ପର୍ଯ୍ୟବେକ୍ଷକ ଓ ଚାମ୍ପିୟନଙ୍କ ସହଯୋଗରେ ଡିଭିଜନସ୍ତରରେ ଶୂନ୍ୟ ଆହତ ଲକ୍ଷ୍ୟ ହାସଲ କରିବା ଉପରେ କମ୍ପାନୀର ବିଭାଗୀୟ ମୁଖ୍ୟମାନେ ଆଲୋକପାତ କରିଥିଲେ। ସୁରକ୍ଷା ଅଭ୍ୟାସ ଓ ଆଘାତମୁକ୍ତ ପରିବେଶରେ ଉନ୍ନତି ଆଣିବା ପାଇଁ ବିଭିନ୍ନ ପରାମର୍ଶ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ୧୫୦ କର୍ମଚାରୀ ଓ ଭେଣ୍ଡର ପ୍ରତିନିଧି ଅଂଶଗ୍ରହଣ କରିଥିଲେ। ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୨୦ଜଣ କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଥିଲା। ଭେଣ୍ଡର ପାର୍ଟରେ ମେସର୍ସ ୟୁଆଇଏଲ୍‌ର କର୍ମଚାରୀଙ୍କ ପକ୍ଷରୁ ଏକ ନାଟକ ମଞ୍ଚସ୍ଥ ହୋଇଥିଲା। ଭେଣ୍ଡର ପାର୍ଟନେରମାନଙ୍କ ଓ ସେମାନଙ୍କ ଉତ୍ସର୍ଗୀକୃତ କର୍ମଚାରୀଙ୍କଠାରୁ ମୂଲ୍ୟବାନ ସ୍ୱାସ୍ଥ୍ୟ ସମ୍ପର୍କିତ ପରାମର୍ଶ ଓ ମତାମତ ଗ୍ରହଣ କରାଯାଇଥିଲା। ସୁରକ୍ଷା, ସହଯୋଗୀତା ଓ ଉତ୍ତମ ଯୋଗାଯୋଗ ପ୍ରତି ଟାଟାଷ୍ଟିଲ ମେରାମଣ୍ଡଳୀ ପ୍ରତିବଦ୍ଧ ରହି ସମସ୍ତ ଅଂଶୀଦାରଙ୍କ ପାଇଁ ଏକ ସୁରକ୍ଷିତ କାର୍ଯ୍ୟକ୍ଷେତ୍ର ଗଠନ ଦିଗରେ ନିରନ୍ତର ପ୍ରୟାସ ଜାରି ରଖିଥିବା କମ୍ପାନୀ ପକ୍ଷରୁ ଜଣାଯାଇଛି।




ଟାଟାଷ୍ଟିଲ ପକ୍ଷରୁ ସୁମିଳନ କାର୍ଯ୍ୟକ୍ରମରେ ଉପସ୍ଥିତ ଭେଣ୍ଡର ପାର୍ଟନରଙ୍କ ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ।

# 'ଶିକ୍ଷା ଚରିତ୍ର ଗଠନର ପ୍ରମୁଖ ମାଧ୍ୟମ'




ସାକ୍ଷରତା ଦିବସ ଉପଲକ୍ଷେ ସଚେତନତା।

ଢେଙ୍କାନାଳ,୮।୯(ରତନ ନାୟାର)

ଢେଙ୍କାନାଳ ପୌରାଞ୍ଚଳର ୨ ନଂ. ୱାର୍ଡସ୍ଥିତ ଡ. ଦାଶରଥି ମିଶ୍ର ଉଚ୍ଚ ବିଦ୍ୟାଳୟ ପରିସରରେ ଶୁକ୍ରବାର ଅର୍ନ୍ତଜାତୀୟ ସାକ୍ଷରତା ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷୟିତ୍ରୀ ଅଞ୍ଜନା ମିଶ୍ର ଯୋଗଦେଇ କହିଲେ, ଶିକ୍ଷା ଆମ ଜୀବନ ଉପରେ ସୁପ୍ରଭାବ ପକାଇଥାଏ। ଚରିତ୍ର ଗଠନର ଏହା ଏକ ପ୍ରମୁଖ ମାଧ୍ୟମ ବୋଲି ସେ ମତପ୍ରକାଶ କରିଥିଲେ। ଶିକ୍ଷକ ଅଶୋକ ପ୍ରଧାନ ଶିକ୍ଷା ଆମକୁ ଅନ୍ଧାରରୁ ଆଲୋକ ଦେଖାଇଥାଏ ବୋଲି କହିଥିଲେ। ଶିକ୍ଷୟିତ୍ରୀ ସରଳା ସାହୁ ଧନ୍ୟବାଦ ଦେଇଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକମାନେ ଯୋଗ ଦେଇଥିଲେ।

# 'ସୂର୍ଯ୍ୟନାରାୟଣ ଅମାୟିକ ବ୍ୟକ୍ତି ଥିଲେ'

ଢେଙ୍କାନାଳ,୮।୯(ରତନ ନାୟାର)

ଢେଙ୍କାନାଳ ଜିଲା ବିଜେଡି ପକ୍ଷରୁ ଶୁକ୍ରବାର ଦଳର ଜିଲା କାର୍ଯ୍ୟାଳୟଠାରେ ପୂର୍ବତନ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ରଙ୍କ ପରଲୋକରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ନେତୃବୃନ୍ଦ ତାଙ୍କ ଫଟୋଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଦେଇଥିଲେ। ପରଜଙ୍ଗ ବିଧାୟକ ଡା. ନୃସିଂହ ଚରଣ ସାହୁ ସଭାପତିତ୍ୱ କରି ସ୍ୱର୍ଗତ ସୂର୍ଯ୍ୟନାରାୟଣ ଜଣେ ଅମାୟିକ ବ୍ୟକ୍ତି ଥିଲେ ବୋଲି ପ୍ରକାଶ କରିଥିଲେ। ଖଣିମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ଜିଲା ବିଜେଡି କାର୍ଯ୍ୟକାରୀ ସଭାପତି ଦେବୀ ପ୍ରସାଦ ଭୂତିଆ, ଇନ୍ଦ୍ରମଣି ବେହେରା, ସାଇଶ୍ରୀ ପଟ୍ଟନାୟକ, ସାଗରିକା ମିଶ୍ର, ସୁରଜ ମହାପାତ୍ର, ତିଳୋତ୍ତମା ଚୌଧୁରୀ, ସୁଧାଂଶୁ ଦଳେଇ, ଶ୍ରୀକାନ୍ତ ଧଳ, ସଞ୍ଜୟ ମଲ୍ଲିକ, ପ୍ରତାପ ଦାସ, ଗଙ୍ଗାଧର ରାଉତ ଓ ଅଭିମନ୍ୟୁ ପଣ୍ଡାଙ୍କ ସମେତ ବହୁ ନେତୃବୃନ୍ଦ ତାଙ୍କର ସ୍ମୃତିଚାରଣ କରିଥିଲେ। ଦେବାଶିଷ ମିଶ୍ର ପରିଚାଳନା କରିଥିଲେ। ଏହି ଅବସରରେ ତାଙ୍କ ଅମରାତ୍ମାର ସଦ୍‌ଗତି ପାଇଁ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା।



ସ୍ମୃତିସଭାରେ ଉପସ୍ଥିତ ମନ୍ତ୍ରୀଙ୍କ ସମେତ ଅନ୍ୟମାନେ।

# ଜନ୍ମାଷ୍ଟମୀ, ନନ୍ଦୋତ୍ସବ ପାଳିତ

କାମାକ୍ଷାନଗର,୮।୯(ଅମଜାଦ୍ ଖାନ)

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ କାନ୍ତୋଲ ପଞ୍ଚାୟତ ମାଣ୍ଡିଆପଡା ହରିଡାଟାଙ୍ଗର ସାହିରେ ମା' ବୃନ୍ଦାବତୀ କୃଷ୍ଣଗୁରୁ ପକ୍ଷରୁ ଜନ୍ମାଷ୍ଟମୀ ଓ ନନ୍ଦୋତ୍ସବ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପରଜଙ୍ଗ ନିର୍ବାଚନ ମଣ୍ଡଳୀର ବରିଷ୍ଠ ବିଜେଡି ନେତା କାର୍ତ୍ତିକ ସାହୁ ଯୋଗ ଦେଇଥିଲେ। ପ୍ରଥମେ କଳସ ଯାତ୍ରାରେ ଗ୍ରାମ ପରିକ୍ରମା କରାଯିବା ପରେ ମା' ବୃନ୍ଦାବତୀଙ୍କ ଆସ୍ଥାନରେ ଘଟ ସ୍ଥାପନ କରାଯାଇଥିଲା। ଏହି ଅବସରରେ ଭକ୍ତମାନଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଅଜଣା ରୋଗ ବ୍ୟାଧିରେ ପୀଡିତ ବ୍ୟକ୍ତି ମା'ଙ୍କ ବରଦାନରେ ଭଲ ହୋଇ ଯାଇଥାଏ ବୋଲି ଗୁରୁବାପା ପ୍ରଭାକର ସିଂହ କହିଛନ୍ତି। ପ୍ରଭାକର ଆଜକୁ ୨୫ ବର୍ଷ ହେବ ମା'ଙ୍କ ସେବା କରି ଆସୁଛନ୍ତି। ଏହି କାର୍ଯ୍ୟକ୍ରମରେ ଗ୍ରାମର ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ।

# ୨୦୯୬ କୋଟି ୫୦ ଲକ୍ଷ ବ୍ୟୟ ବରାଦ

### ୨୦ତମ ଜିଲା ଯୋଜନା କମିଟି ବୈଠକ

ଢେଙ୍କାନାଳ,୮।୯(ରତନ ନାୟାର)

ଢେଙ୍କାନାଳ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଶୁକ୍ରବାର ୨୦ତମ ଜିଲା ଯୋଜନା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ ଏବଂ ମିଶନଶକ୍ତି ବିଭାଗ ରାଷ୍ଟ୍ରମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ ଅଧ୍ୟକ୍ଷତା କରିଥିଲେ। ବୈଠକରେ ଜିଲାର ବିକାଶ ପାଇଁ ବାର୍ଷିକ ଯୋଜନା ଟିଠା ପ୍ରସ୍ତାବିତ ହୋଇଛି। ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ୨୦୯୬ କୋଟି ୫୦ଲକ୍ଷ ୩୧ ହଜାର ଟଙ୍କା ବ୍ୟୟ ବରାଦ କରାଯାଇଛି। ସେହିପରି ୨୦୨୨-୨୩ ବର୍ଷରେ ସର୍ବମୋଟ ୧୩୯୩ କୋଟି ୮ଲକ୍ଷ ୩୪ ହଜାର ଟଙ୍କାର ବାର୍ଷିକ ଯୋଜନା ଟିଠା ପ୍ରସ୍ତୁତ କରାଯାଇଥିଲା। ବୈଠକରେ ମୁଖ୍ୟତଃ ୧୦ଟି ବିଷୟ ଉପରେ ଆଲୋଚନା କରାଯାଇ ବ୍ୟୟବରାଦ କରାଯାଇଥିଲା। କୃଷି ଏବଂ ତତ୍‌ସହିତ ଜଡିତ ଗ୍ରାମ୍ୟ ଉନ୍ନୟନ, ସ୍ୱତନ୍ତ୍ର କ୍ଷେତ୍ର କାର୍ଯ୍ୟକ୍ରମ, ଜଳସେଚନ ଓ ବନ୍ୟା ନିୟନ୍ତ୍ରଣ, ଶକ୍ତି, ଶିଳ୍ପ, ଗମନାଗମନ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ଏବଂ ପରିବେଶ, ସାଧାରଣ ଅର୍ଥନୈତିକ ସେବା ଏବଂ ସାମାଜିକ ସେବା ଆଦି ଉପରେ ଆଲୋଚନା କରାଯାଇ ବ୍ୟୟବରାଦ କରାଯାଇଥିଲା। ବୈଠକରେ ଯୋଗଦେଇ ରାଜ୍ୟ ସରକାରଙ୍କ ଖଣି, ଇସ୍ପାତ ଓ ପୂର୍ତ୍ତ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ କହିଲେ ଯେ, ତୃଣମୂଳସ୍ତରରୁ ବିଭିନ୍ନ ବିଭାଗର କାର୍ଯ୍ୟ ସମୀକ୍ଷା ହେବା ଆବଶ୍ୟକ। ଲୋକଙ୍କ ମୌଳିକ ଆବଶ୍ୟକତା ଜାଣି ସେ ଦିଗରେ କାର୍ଯ୍ୟ କରାଯିବା ଉଚିତ। ଏମ୍‌ପି ମହେଶ ସାହୁ ଯୋଜନା କମିଟିରେ ମୁଖ୍ୟ କାମ ହେଉଛି ଜିଲାର ସାମଗ୍ରିକ ଉନ୍ନତି ପାଇଁ କାର୍ଯ୍ୟ କରିବା ଓ ଜିଲା କିଭଳି ସବୁ କ୍ଷେତ୍ରରେ ରାଜ୍ୟରେ ପ୍ରଥମ ହେବ ସେ ଦିଗରେ କାର୍ଯ୍ୟ କରିବାକୁ କହିଥିଲେ। ବୈଠକରେ ପରଜଙ୍ଗ ବିଧାୟକ ଡା. ନୃସିଂହ ଚରଣ ସାହୁ, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, ଜିଲା ପରିଷଦ ସଭାପତି ଅର୍ଚ୍ଚନା ପୁହାଣ, ଉପସଭାପତି ବିଳାସିନୀ ସେଠୀ, ଜିଲା ଯୋଜନା ସଂଯୋଜକ ବ୍ୟୋମକେଶ ପାତ୍ର ପ୍ରମୁଖ ଯୋଗଦେଇ ନିଜର ମତ ଉପସ୍ଥାପନ କରିଥିଲେ। ଜିଲା ଯୋଜନା କମିଟି ସମ୍ପାଦକ ତଥା ଜିଲାପାଳ ସରୋଜ କୁମାର ସେଠୀ, ଜିଲାସ୍ତରରେ ସରକାରଙ୍କ ବିଭିନ୍ନ ଯୋଜନାର ସଫଳ ରୂପାୟନ ପାଇଁ ଏହି ବୈଠକ ଗୁରୁତ୍ୱ ବହନ କରେ ବୋଲି ସୂଚନା ଦେବା ସହ ଗ୍ରାମାଞ୍ଚଳର ଉନ୍ନତିରେ ଗ୍ରାମସଭା ଏବଂ ପଲ୍ଲିସଭାର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତି ଶଙ୍କର ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ। ବୈଠକରେ ଯୋଜନା କମିଟିର ସଭ୍ୟାସଭ୍ୟ ଓ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ।




ଜିଲା ଯୋଜନା କମିଟି ବୈଠକରେ ଉପସ୍ଥିତ ଜନପ୍ରତିନିଧି, ପ୍ରଶାସନିକ ଅଧିକାରୀମାନେ।

